# ଆନ୍ତର୍ଜାତିକ ମହିଳା ଦିବସ, ୮ ମାର୍ଚ୍ଚ ୨୦୦୭

## ସ୍ଥାନ- ଏରସମା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଏରସମା, ଜଗତସିଂପୁର

## ସମୟ- ଦିବା ୧୨ ଘଟିକାରୁ ୩ ଘଟିକା

## ଆୟୋଜକ- ସ୍ନେହାଭିଯାନ, ଆକ୍ସନ୍‌ଏଡ୍, ଏରସମା

ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଆକ୍ସନ୍-ଏଡ୍ ସାହାଯ୍ୟପ୍ରାପ୍ତ 'ସ୍ନେହାଭିଯାନ' ତରଫରୁ ଏରସମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ଦିନିକିଆ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ଏରସମା ଅଞ୍ଚଳର ବିଭିନ୍ନ ଗାଁରୁ ମହିଳାକର୍ମୀମାନେ ଆସି ଯୋଗଦାନ କରିଥିଲେ । ପ୍ରଥମେ ମଣ୍ଡଳ ଉନ୍ନୟନ ଅଧିକାରୀ (ବି.ଡି.ଓ.) ଶ୍ରୀ ମୁରଲୀଧର ସ୍ୱାଇଁ ପ୍ରଦୀପ ଜାଳି ସମାବେଶକୁ ଉଦ୍‌ଘାଟନ କରିଥିଲେ । ତାପରେ ସ୍ନେହାଭିଯାନର ୩ଜଣ ଭଉଣୀ ଏକ ଉଦ୍‌ବୋଧନୀ ସଂଗୀତ ପରିବେଷଣ କରିଥିଲେ । ସଭାମଞ୍ଚର ସାମନା ଧାଡିରେ ବସିଥିଲେ ପଶ୍ଚିମରୁ ପୂର୍ବକୁ ଶ୍ରୀ ଅନନ୍ତ ବିହାରୀ ରାଉତରାୟ, ସଂପାଦକ ଗ୍ରାହକ ସେବା ଓ ବିଶେଷ ଅତିଥି, ଶ୍ରୀ ଚିତ୍ତ ବେହେରା ଉପଦେଷ୍ଟା ଓଡିଶା ସୂଚନା ଅଧିକାର ଅଭିଯାନ ତଥା ସଭାର ସଭାପତି, ଶ୍ରୀମତୀ ସୁଜାତା ଜେନା ଆଡ୍‌ଭୋକେଟ୍, ଶ୍ରୀ ମୁରଲୀଧର ସ୍ୱାଇଁ ବି.ଡି.ଓ., ଶ୍ରୀ ଶୁଭନାରାୟଣ ସ୍ୱାଇଁ ସମ୍ମାନୀତ ଅତିଥି, ଏବଂ ଶ୍ରୀମତୀ ଜୟନ୍ତୀ ମଣ୍ଡଳ ପରିବେକ୍ଷିକା ସ୍ନେହାଭିଯାନ । ଏହାଛଡା ସଭାମଞ୍ଚର ପଛ ଧାଡିରେ ବସିଥିଲେ ସ୍ନେହାଭିଯାନର ତୃଣମୂଳ ସ୍ତରୀୟ ସଂଗଠିକାମାନେ । ସ୍ନେହାଭିଯାନର ପ୍ରମୁଖ କର୍ମକର୍ତ୍ତାଗଣ ଯଥା, ସତ୍ୟଭାମା ପ୍ରଧାନ ଓ ପ୍ରେମଶ୍ରୀ ପ୍ରମୁଖ ସଭାସ୍ଥଳରେ ଉପସ୍ଥିତ ରହି ସଭାର ସାଂଗଠନିକ ବ୍ୟବସ୍ଥାଗୁଡିକୁ ତଦାରଖ କରୁଥିଲେ । ସଭାପତି ଶ୍ରୀ ବେହେରାଙ୍କ ଅନୁରୋଧ କ୍ରମେ ଶ୍ରୀମତୀ ଜୟନ୍ତୀ ମଣ୍ଡଳ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ସଭାକାର୍ଯ୍ୟର ଦାୟିତ୍ୱ ନେଲାପରେ ଶ୍ରମତୀ ମଣ୍ଡଳ ପ୍ରଥମେ ଏକ କବିତା ପଂକ୍ତି ଆବୃତ୍ତି କରିବା ସହ ଆନ୍ତର୍ଜାତିକ ମହିଳା ଦିବସର ତାତ୍ପର୍ଯ୍ୟ ବିଷୟରେ ସଂକ୍ଷିପ୍ତ ସୂଚନା ଦେଇଥିଲେ ।





ପ୍ରଥମେ ବକ୍ତବ୍ୟ ରଖିଥିଲେ ସ୍ନେହାଭିଯାନ ତରଫରୁ ଶ୍ରୀମତୀ ଛବି ମାନା । ସେ ତାଙ୍କ ବକ୍ତବ୍ୟ ଭିତରେ ସ୍ନେହାଭିଯାନର ଅବାରିତ ପ୍ରଚେଷ୍ଟା ଫଳରେ ସମଗ୍ର ଏରସମା ଅଞ୍ଚଳରେ ମହିଳାମାନଙ୍କ ଭିତରେ କିପରି ଏକ ଜାଗରଣ ଓ ଶକ୍ତିବୃଦ୍ଧି ସମ୍ଭବ ହୋଇପାରିଛି, ସେ ବିଷୟରେ ସୂଚାଇ ଥିଲେ । ଏହା ସହିତ ସେ ଦୁଇଟି ସର୍ବସାଧାରଣ ସମସ୍ୟାର ଅବତାରଣା କରିଥିଲେ । ପ୍ରଥମତଃ ସ୍ଥାନୀୟ ସରକାରୀ ଦପ୍ତରର ଅଧିକାରୀମାନେ ଏବେବି ସର୍ବସାଧାରଣଙ୍କ ପ୍ରତି ସେମାନଙ୍କର ଉପେକ୍ଷାପୂର୍ଣ୍ଣ ମନୋଭାବ ପୋଷଣ କରି ଚାଲିଛନ୍ତି । ଦ୍ୱିତୀୟତଃ ସ୍କୁଲ୍‌ମାନଙ୍କରେ ବିଲ୍‌ଡିଂ ଅଛି, ଅଥଚ ଶିକ୍ଷକମାନେ ରହୁନାହାନ୍ତି, ଯାହା ଫଳରେ ଅଭିଭାବକମାନେ ବାଧ୍ୟ ହୋଇ ପିଲାମାନଙ୍କୁ ନିକଟସ୍ଥ ଚାଟଶାଳୀଗୁଡିକୁ ଅତିରିକ୍ତ ପଇସା ଖର୍ଚ୍ଚ କରି ପଠାଉଛନ୍ତି ।

ଏହାପରେ ବି.ଡି.ଓ. ଶ୍ରୀ ସ୍ୱାଇଁ ଏକ ସୁଦୀର୍ଘ ବକ୍ତୃତା ପ୍ରଦାନ କରିଥିଲେ, ଯେଉଁଥିରେ ସେ ମହିଳାମାନଙ୍କ ପାଇଁ ସରକାରଙ୍କ ତରଫରୁ ଚାଲୁଥିବା ବିଭିନ୍ନ ସ୍କିମ୍ ଓ ଯୋଜନାଗୁଡିକ ସମ୍ବନ୍ଧରେ ସୂଚନା ଦେଇଥିଲେ । ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱର୍ଣ୍ଣଜୟନ୍ତୀ ଗ୍ରାମୀଣ ସ୍ୱରୋଜଗାର ଯୋଜନା, ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା, ଇନ୍ଦିରା ଆବାସ ଯୋଜନା, ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ସଂରକ୍ଷଣ ବ୍ୟବସ୍ଥା, ଶିକ୍ଷା ଗ୍ୟାରେଣ୍ଟି ସ୍କିମ୍, ସମନ୍ୱିତ ଶିଶୁ ବିକାଶ ସ୍କିମ୍, ଜନନୀ ସୁରକ୍ଷା ସ୍କିମ୍, ବାଳିକା ସମୃଦ୍ଧି ଯୋଜନା ଓ ଗ୍ରାମ ସଡକ ଯୋଜନା ଇତ୍ୟାଦି ବ୍ୟବସ୍ଥାଗୁଡିକ ସମ୍ବନ୍ଧରେ ସେ ସୂଚନା ଦେବା ସହ ଏଗୁଡିକର ସୁଯୋଗ ନେବାପାଇଁ ଉପସ୍ଥିତ ମହିଳା ପ୍ରତିନିଧିମାନଙ୍କୁ ଆହ୍ୱାନ୍ କରିଥିଲେ । ଏ ଅଞ୍ଚଳରେ ନାରୀ ପ୍ରଗତିର ଗୋଟିଏ ବଡ ପ୍ରମାଣ ହେଲା, କୃଷ୍ଣଚନ୍ଦ୍ରପୁର କଲେଜରେ ମୋଟ ଛାତ୍ରଛାତ୍ରୀଙ୍କ ଭିତରୁ ଶତକଡା ୭୦ ହେଉଛନ୍ତି ଝିଅ ପିଲା । ସେ ପୁଣି ସୂଚାଇ ଥିଲେ ଯେ, ବ୍ଲକ୍ ପ୍ରଶାସନକୁ ସ୍ୱଚ୍ଛ ରଖିବା ପାଇଁ ସୂଚନା ଅଧିକାର ଆଇନ୍‌କୁ ବିଧିବଦ୍ଧଭାବେ ପାଳନ କରାଯାଉଛି । ଅତିରିକ୍ତ ବି.ଡି.ଓ. ଜନସୂଚନା ଅଧିକାରୀ ଓ ସେ ଅପିଲ୍ ଅଧିକାରୀ ଅଛନ୍ତି । ଏପର୍ଯ୍ୟନ୍ତ ମୋଟ୍ ୨୦୦ଟି ଦରଖାସ୍ତ ଉପରେ ବ୍ଲକ୍ ଅଫିସ୍‌ରୁ ସୂଚନା ଦିଆ ହୋଇସାରିଲାଣି । କିନ୍ତୁ ତାଙ୍କର ମୂଳ ବକ୍ତବ୍ୟ ଥିଲା, ଏତେସବୁ ସରକାରୀ ବ୍ୟବସ୍ଥାମାନ ଥିବା ସତ୍ତ୍ୱେ ଯଦି ଏ ଅଞ୍ଚଳରେ ମହିଳାମାନେ ପଛୁଆ ରହିଥାନ୍ତି, ତେବେ ତହିଁର ମୂଳ କାରଣ ହେଉଛି ସେମାନଙ୍କର ଅଚେତନତା, ଏବଂ ଏହି କାରଣରୁ ସେ ବିଭିନ୍ନ ଯୋଜନାଗୁଡିକ ସମ୍ବନ୍ଧରେ ଏକ ସରଳ ଓ ସଂକ୍ଷିପ୍ତ ସଂକଳନ ପ୍ରକାଶ କରିବାକୁ ଯାଉଛନ୍ତି ବୋଲି ବି.ଡି.ଓ. ପ୍ରକାଶ କରିଥିଲେ ।

ଏହାପରେ ସମଗ୍ର ଜଗତସିଂପୁର ଜିଲ୍ଲା ପାଇଁ ଗଠିତ ହେବାକୁ ଯାଉଥିବା ମହାସଂଘର ସଂପାଦିକା ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଓଝା ବକ୍ତବ୍ୟ ରଖିଥିଲେ । ତାଙ୍କ ପରେ ସମ୍ମାନୀତ ଅତିଥି ଶ୍ରୀ ଶୁଭନାରାୟଣ ସାଇଁ ନିଜର ଭାଷଣରେ ପୁରାଣ ଯୁଗର ଦେବାଦେବୀଙ୍କର ଉଦାହରଣ ଦେଇ ମାତୃଶକ୍ତିର ଗୌରବ ବର୍ଣ୍ଣନା କରିଥିଲେ । ସେ ବିଶେଷ କରି ରାମଚନ୍ଦ୍ର ଓ ସୀତାଦେବୀଙ୍କର ଦୃଷ୍ଟାନ୍ତ ଦେଇ ନାରୀମାନଙ୍କୁ ସ୍ୱାମୀମାନଙ୍କ ପ୍ରତି ପ୍ରଶ୍ନାତୀତ ଆନୁଗତ୍ୟ ଦେଖାଇବାକୁ ପରାମର୍ଶ ଦେଇଥିଲେ ।





ଶ୍ରୀ ସାଇଁଙ୍କ ପରେ ମୁଖ୍ୟବକ୍ତା ଶ୍ରୀମତୀ ସୁଜାତା ଜେନା ନିଜର ବକ୍ତବ୍ୟ ରଖିଥିଲେ । ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ସ୍ୱତନ୍ତ୍ର ଆଇନ୍‌କାନୁନ୍ ବିଷୟରେ ସୂଚାଇବା ସହ ସ୍ଥାନୀୟ ପୋଲିସ୍ କିପରି ଜଣେ ସାଧାରଣ ମହିଳା 'ବିଳାସିନୀ' ପ୍ରତି ଅନ୍ୟାୟ ଆଚରଣ କରୁଛି, ସେ ବିଷୟ ଆଲୋଚନା କରିଥିଲେ । ବିଳାସିନୀ ବହୁକାଳ ହେଲା ତା' ସ୍ୱାମୀର ନିର୍ଯ୍ୟାତନା ବିରୁଦ୍ଧରେ କେଶ୍ ଦାଏର୍ କରିଥିଲେ ହେଁ ଥାନାବାଲା ସେ କେଶ୍‌କୁ ପକେଇରଖି ଆଜି ବିଳାସିନୀକୁ କହୁଛି, 'ତୁ ଚାଲ୍, ତୋ ସ୍ୱାମୀକୁ ଚିହ୍ନେଇ ଦେବୁ, ଆମେ ତାକୁ ଗିରଫ କରିବୁ ।' ତା ସ୍ୱାମୀକୁ ଚିହ୍ନଟ କରି ଗିରଫ କରିବା ହେଉଛି ସଂପୂର୍ଣ୍ଣ ରୂପେ ପୋଲିସ୍‌ର । ସୁତରାଂ ପୋଲିସ୍ ବିଳାସିନୀକୁ ଡାକିବା ପୁରାପୁରି ଆଇନ୍‌ବିରୋଧୀ ।

**ଶେଷରେ ସଭାପତି ଶ୍ରୀ ଚିତ୍ତ ବେହେରା ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ । ସେ କହିଲେ-**

*"ସମୟ ଅଭାବରୁ ମୁଁ କେବଳ ଦୁଇଜଣଙ୍କ ବକ୍ତବ୍ୟ ଉପରେ ସାମାନ୍ୟ କିଛି ଟିପ୍‌ପଣୀ ଦେବି, ପ୍ରଥମେ ଶୁଭଙ୍କର ସ୍ୱାଇଁ, ତାପରେ ବିଡିଓଙ୍କ ସମ୍ବନ୍ଧରେ । ଶ୍ରୀଯୁକ୍ତ ସ୍ୱାଇଁ ରାମଚନ୍ଦ୍ରଙ୍କୁ ମର୍ଯ୍ୟାଦାପରୁଷ ବୋଲି ଯେମିତି ବର୍ଣ୍ଣନା କଲେ, ଏବଂ ସୀତାଙ୍କ ଭଳି ସହନଶୀଳା ହେବାକୁ ନାରୀମାନଙ୍କୁ ଯେମିତି ପରାମର୍ଶ ଦେଲେ, ତାହା ବର୍ତ୍ତମାନ ପରିପ୍ରେକ୍ଷିରେ ଆପତ୍ତିଜନକ । ରାମଚନ୍ଦ୍ର ସୀତାଙ୍କୁ ଲକ୍ଷ୍ମଣଙ୍କ ସହ ବନକୁ ବିଦା କଲାବେଳେ ସୀତାଙ୍କୁ ଖୋଲିକରି କହିନଥିଲେ ଯେ, ସେ ତାଙ୍କୁ ପରିତ୍ୟାଗ କରୁଛନ୍ତି, ଏପରିକି ଲକ୍ଷ୍ମଣଙ୍କୁ ସେ ପରାମର୍ଶ ଦେଇଥିଲେ ଏହି ପରିତ୍ୟାଗ କଥାକୁ ସୀତାଙ୍କୁ ନକହି ବାଲ୍ମିକୀ ଆଶ୍ରମରେ ତାଙ୍କୁ ଛାଡିଦେଲା ପରେ ନିଜେ ଚୁପ୍‌ଚାପରେ ପଳାଇଆସିବାକୁ । ଧରି ନିଆଯାଉ, ବର୍ତ୍ତମାନ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ସାନଭାଇ ସହିତ ବାପଘରକୁ ପଠାଇଲେ ଏବଂ କହିଲେ, କିଛିଦିନ ବାପଘରେ ରହି ଆନନ୍ଦ କଲାପରେ ମୁଁ ଯାଇ ନିଜେ ନେଇଆସିବି । କିନ୍ତୁ ବହୁଦିନ ବିତିଗଲା ପରେ ବି ସେ ଗଲେନି କି ସାନଭାଇ କି ଆଉ କାହାକୁ ସ୍ତ୍ରୀଙ୍କୁ ତାଙ୍କ ବାପଘରୁ ଫେରାଇ ଆଣିବା ପାଇଁ ପଠାଇଲେନି, ବରଂ ବିଭିନ୍ନ ଲୋକଙ୍କ ହାତରେ ସେ ଖବର ପଠାଇଲେ ଯେ, ସେ ଚରିତ୍ରଦୋଷ କାରଣରୁ ତାଙ୍କୁ ପରିତ୍ୟାଗ କରିଛନ୍ତି । ଏକଥା ଜାଣିବା ପରେ ସେହି ସ୍ତ୍ରୀ ଲୋକଙ୍କ ପ୍ରତିକ୍ରିୟା କ'ଣ ହେବ ? ସେ ନିଜ ସ୍ୱାମୀଙ୍କୁ ମର୍ଯ୍ୟାଦାପୁରୁଷ ବୋଲି ମନେ କରିବ ନା ବଦ୍‌ମାସ୍ ଓ ପକ୍କା ହାରାମି ବୋଲି ମନେ କରିବ ? ସୁତରାଂ ବର୍ତ୍ତମାନ ଯଦି ଜଣେ ବ୍ୟକ୍ତି ରାମଚନ୍ଦ୍ରଙ୍କ ଦୃଷ୍ଟାନ୍ତ ଅନୁସରଣ କରି ତା ସ୍ତ୍ରୀକୁ ନଜଣେଇ ତାକୁ କୌଣସି ବାହାନାରେସବୁଦିନ ପାଇଁ ବିଦା କରିଦିଏ, ତେବେ ସେ ଆଇନ୍ ଆଗରେ ଅପରାଧୀ ହେବ । ସୁତରାଂ ଇଶ୍ୱର କରନ୍ତୁ, ରାମଚନ୍ଦ୍ରଙ୍କ ଭଳି ଆଉ କୌଣସି ଅବତାର ଏ ଭାରତବର୍ଷରେ ଜନ୍ମଗ୍ରହଣ ନକରନ୍ତୁ । ଶ୍ରୀଯୁକ୍ତ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ବାରମ୍ବାର ସୀତାଙ୍କ ଉଦାହରଣ ଦେଇଛନ୍ତି । କିନ୍ତୁ ଆମ ପୁରାଣ ଶାସ୍ତ୍ରରେ ଆହୁରି ଅନେକ ନାରୀ ଅଛନ୍ତି, ଯେଉଁମାନେ ମଧ୍ୟ ମହିୟସୀ । ଯଥା, ଦ୍ରୌପଦୀ, ଯେ କି ତାଙ୍କୁ ପଶାଖେଳରେ ବାଜି ଲଗେଇଥିବା ପଞ୍ଚସ୍ୱାମୀଙ୍କୁ କଡାଭାଷାରେ ପ୍ରତିବାଦ କରିପାରିଥିଲେ । ପୁଣି ଯଥା, ଲକ୍ଷ୍ମୀ, ଯେ କି ଶ୍ରୀୟା ଚଣ୍ଡାଲୁଣି ଘରେ ଖାଇବା କାରଣରୁ ଜଗନ୍ନାଥ ଓ ବଳରାମ ତାଙ୍କୁ ଛାଡି ଦେଇ ଚାଲିଗଲେ, କିନ୍ତୁ ଲକ୍ଷ୍ମୀ ତାଙ୍କ ଜିଦ୍‌ରେ ଅଟଳ ରହିଲେ । ଦୁଇଭାଇ ସବାଶେଷରେ ନିରାଶ ହୋଇ ପୁଣି ଲକ୍ଷ୍ମୀଙ୍କ ପାଖକୁ ଫେରିଲେ । ଫକୀରମୋହନ ଲେଖିଥିବା ପେଟେଣ୍ଟ ମେଡିସିନ୍ ଗଳ୍ପରେ ସ୍ତ୍ରୀ କିପରି ସ୍ୱାମୀର ମଦ ଛଡେଇବାକୁ ଯାଇ ପେଟେଣ୍ଟ ମେଡିସିନ୍, ଅର୍ଥାତ୍ ଛାଞ୍ଚୁଣି ପାହାର ଦେଇଥିଲା, ସେ ବିଷୟ ସମସ୍ତେ ଜାଣନ୍ତି । ସେ ସ୍ତ୍ରୀ କ'ଣ ତା ସ୍ୱାମୀକୁ ଭଲ ପାଉନଥିଲା ! ସୁତରାଂ ସେତେବେଳେ ଯେମିତି ବିଭିନ୍ନ ପ୍ରକାର ନାରୀ ଥିଲେ, ବର୍ତ୍ତମାନ ସେମିତି ଜଣେ ନାରୀ ଭିତରେ ଏକାଧାରରେ ସୀତା, ଦ୍ରୌପଦୀ ଓ ଲକ୍ଷ୍ମୀ ଭଳି ଚରିତ୍ରମାନ ଅଛି, ଏବଂ ସେ ନିଜର, ନିଜ ପରିବାରର ତଥା ବୃହତ୍ତର ସମାଜର ମଙ୍ଗଳ ପାଇଁ କେତେବେଳେ କେଉଁ ଚରିତ୍ର ଦେଖାଇବ, ତାହା ସଂପୂର୍ଣ୍ଣ ରୂପେ ତା'ର ବିବେକ ଓ ବୁଦ୍ଧି ଉପରେ ନିର୍ଭର କରୁଛି ।*

*"ବର୍ତ୍ତମାନ ମୁଁ ବିଡିଓଙ୍କ ବକ୍ତବ୍ୟ ଉପରେ ଟିପ୍‌ପଣୀ ରଖିବାକୁ ଚାହୁଁଛି । ତାଙ୍କର କହିବାର ମୂଳ ବିନ୍ଦୁ ଥିଲା, ନାରୀମାନଙ୍କ ଉନ୍ନତି ପାଇଁ ବହୁତ ପ୍ରକାର ସ୍କିମ୍ ଥିଲେ ହେଁ ସେମାନେ ନିଜର ଅଚେତନତା ବା ଅଜ୍ଞତା କାରଣରୁ ସେଗୁଡିକର ସୁଯୋଗ ନେଇପାରୁ ନାହାନ୍ତି । କେବଳ ବିଡିଓ ନୁହଁନ୍ତି, ତାଙ୍କ*

ଜାଗାରେ ଜଣେ ମନ୍ତ୍ରୀ, ସଚିବ କି ଜିଲ୍ଲାପାଳ ଥିଲେ, ସେ ମଧ୍ୟ ଠିକ୍ ଏହି ମର୍ମରେ ବୁଝେଇଥାନ୍ତେ । ଏହା କ'ଣ ଠିକ୍ ? ମୋ ବିଚାରରେ ଆପଣ ମହିଳାମାନେ ଅଜ୍ଞ ନା ଯେଉଁମାନେ ଆପଣମାନଙ୍କ ପାଇଁ ଯୋଜନାମାନ ତିଆରି କରୁଛନ୍ତି ବା ସେଗୁଡିକୁ କାର୍ଯ୍ୟକାରୀ କରୁଛନ୍ତି, ସେମାନେ ଅଜ୍ଞ ? ଉଦାହରଣ ସ୍ୱରୂପ, ପ୍ରଥମେ ଭଉଣୀ ମାନା ଯେଉଁ ଶିକ୍ଷା ସମସ୍ୟା କଥା ଉଠେଇଥିଲେ, ଆମେ ତାକୁହିଁ ବିଚାର କରିବା- ସର୍ବଶିକ୍ଷା ଅଭିଯାନ ଚାଲୁଥିବା ତାଙ୍କ ଗାଁ ସ୍କୁଲ୍‌ରେ ଘର ଅଛି, ଅଥଚ ଶିକ୍ଷକ ନାହାନ୍ତି । ଶିକ୍ଷକ କାହିଁକି ନାହାନ୍ତି ? ଆମେ ଯାହା ଜାଣୁ, ଏହି ଅଭିଯାନର ସଫଳତା ପାଇଁ ପ୍ରତି ବ୍ୟାପାରରେ ପର୍ଯ୍ୟାପ୍ତ ଅର୍ଥବରାଦ କରାଯାଇଛି, ଏବଂ ସେସବୁର ସୁପରିଚାଳନା ପାଇଁ ଉପରିସ୍ଥ ଅଧିକାରୀମାନଙ୍କ ଦ୍ୱାରା ତଦାରଖର ବ୍ୟବସ୍ଥା ମଧ୍ୟ କରାଯାଇଛି । ଯଦି ସ୍କୁଲ୍‌କୁ ନିୟମିତ ଶିକ୍ଷକ ଆସୁନାହାନ୍ତି, ତେବେ ବୁଝିବାକୁ ପଡିବ, ତଦାରଖକାରୀ ଅଫିସର୍‌ମାନେ ସେମାନଙ୍କ ଦାୟିତ୍ୱ ସମ୍ପାଦନ କରୁନାହାନ୍ତି । ଆପଣମାନେ ଜାଣିବା ଦରକାର ଯେ, ୧୯୮୮ ଠାରୁ ଦୀର୍ଘ ୧୨ ବର୍ଷଧରି ଆମ ଦେଶରେ ସର୍ବତ୍ର ସମସ୍ତଙ୍କ ପାଇଁ ଶିକ୍ଷା ବା **Education for All** ଯୋଜନା ଚାଲୁ ରହିଥିଲା, ଯାହାର ଉଦ୍ଦେଶ୍ୟ ଥିଲା, ୨୦୦୦ ମସିହା ସୁଦ୍ଧା ଆମ ଦେଶରେ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ କେହି ନିରକ୍ଷର ରହିବେ ନାହିଁ । କିନ୍ତୁ ଦେଖାଗଲା, ବିପୁଳ ଅର୍ଥବ୍ୟୟ ସତ୍ତ୍ୱେ ଏହି ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ । ତା'ପରେ ଚିନ୍ତା କରଗଲା, କ'ଣ କରାଯିବ ? ଦଶମ ପଞ୍ଚବାର୍ଷିକ ଯୋଜନା(୨୦୦୨-୦୭) ଦଲିଲ୍ ଅନୁଯାୟୀ ସର୍ବଶିକ୍ଷା ଅଭିଯାନ ଅଧୀନରେ ୨୦୦୩ରେ ଦେଶର ସବୁ ପିଲା ସ୍କୁଲ୍‌ରେ ପ୍ରବେଶ କରିସାରିଥିବେ; ୨୦୦୭ ସୁଦ୍ଧା ସେମାନେ ପଞ୍ଚମ ଶ୍ରେଣୀ ପାସ୍ କରିଥିବେ ଏବଂ ୨୦୧୦ ବେଳକୁ ସେମାନେ ଅଷ୍ଟମ ଶ୍ରେଣୀ ପାସ୍ କରିଥିବେ । ବର୍ତ୍ତମାନ ୨୦୦୭ ହେଲାଣି, ଅର୍ଥାତ୍ ସବୁପିଲା ବର୍ତ୍ତମାନ ସୁଦ୍ଧା ସ୍କୁଲ୍‌ରୁ ପଞ୍ଚମ ଶ୍ରେଣୀ ପାସ୍ କରିସାରିଥିବା କଥା । କିନ୍ତୁ ବାସ୍ତବ ଅଭିଜ୍ଞତା କ'ଣ କହୁଛି ? ଏଥିପାଇଁ କୌଣସି ପରିସଂଖ୍ୟାନ ଦେବାର ଆବଶ୍ୟକତା ନାହିଁ । ଆପଣମାନେ ଯୁଆଡେ ଆଖି ବୁଲେଇଲେ ଦେଖି ପାରିବେ ଯେ, ପୂର୍ବଭଳି ବହୁ ପିଲା ସ୍କୁଲ୍‌କୁ ନଯାଇ ମାଛ ଧରୁଛନ୍ତି, ଛେଳିମେଣ୍ଢା ଚରଉଛନ୍ତି ଓ ବି ଲବାଡିରେ କାମ କରୁଛନ୍ତି, ଇତ୍ୟାଦି, ଇତ୍ୟାଦି । ତେବେ ସର୍ବଶିକ୍ଷା ଅଭିଯାନର ପଇସା କୁଆଡେ ଗଲା ? ଆପଣମାନେ ଦେଖିବେ, ୨୦୧୦ମସିହା ବେଳକୁ ଯୋଜନା ପ୍ରଣେତା ଓ ପ୍ରଶାସକ ମାନେ କୌଣସି ନା କୌଣସି ବାହାନା ଦେଖାଇ ଏହି ସ୍କିମ୍‌ର ବିଫଳତା ପାଇଁ ଲୋକଙ୍କୁ ଦାୟୀ କରିବେ ଏବଂ ପୁଣି ବିପୁଳ ଅର୍ଥବ୍ୟୟରେ ଆଉ କିଛି ସ୍କିମ୍ ଚାଲୁ କରିବେ । ସୁତରାଂ ସ୍କିମ୍‌ର ବିଫଳତା ପାଇଁ କିଏ ଦାୟୀ ? ଆପଣ ନା ସ୍କିମ୍‌ର ପ୍ରଣେତା ଓ ପ୍ରଶାସକମାନେ ? ସେମିତି ଆଉ ଗୋଟିଏ ଉଦାହରଣ ନିଅନ୍ତୁ ।

“ବିଡିଓ ମହାଶୟ ଜନନୀ ସୁରକ୍ଷା ଯୋଜନାରେ ଆପଣ ଗର୍ଭଧାରଣ କରିବା ଠାରୁ ପ୍ରସବ କରିବା ପର୍ଯ୍ୟନ୍ତ କିପରି ସବୁପ୍ରକାର ସ୍ୱାସ୍ଥ୍ୟଗତ ସହାୟତା ତଥା ପ୍ରଥମ ୨ଟି ସଫଳ ପ୍ରସବ ପାଇଁ ୫୦୦ଲେଖାଁ ଆର୍ଥିକ ସାହାଯ୍ୟ ଦିଆଯାଉଛି ବୋଲି କହିଲେ ? କିନ୍ତୁ ପ୍ରକୃତରେ ଆପଣ କ'ଣ ସେସବୁ ସୁବିଧା ପାଉଛନ୍ତି ? ଯଦି ଜଣେ ଗର୍ଭବତୀ ମହିଳା ପ୍ରସୂତି ସେବା ପାଇବା ଆଶାରେ ସରକାରୀ ଡାକ୍ତରଖାନା ଯାଆନ୍ତି, ପ୍ରଥମେ ସେ ସେଠାରେ କେବଳ ପିଅନ୍ କି ଦରଓ୍ୱାନ୍ ଛଡା ଆଉ କାହାକୁ ଦେଖିବାକୁ ପାଇବନି । ତାଙ୍କୁ କୁହାଯିବ, ଆଉଦିନେ ଆସନ୍ତୁ ଯେତେବେଳେ କି ଡାକ୍ତରବାବୁ ଥିବେ । ଆଉଦିନେ ଗଲାବେଳକୁ ଆପଣ ପୁଣି ମଧ୍ୟ ସେହି ଉତ୍ତର ପାଇପାରନ୍ତି । ତା'ପରେ ଆପଣଙ୍କର ବିରକ୍ତି ଆସିଯିବ; ଆପଣ ସରକାରୀ ଡାକ୍ତରଖାନା ନଯାଇ ହୁଏତ୍ କୌଣସି ଘରୋଇ ନର୍ସିଂ ହୋମ୍‌କୁ ବା ଗାଉଁଲି ଧାଈ ପାଖକୁ ଯିବେ, ଯେଉଁଠାରେ ଆପଣ ଖର୍ଚ୍ଚାନ୍ତ ହେବା ସହିତ ଠିକ୍ ଚିକିତ୍ସା ପାଇ ନପାରନ୍ତି । ଆପଣମାନେ ଶୁଣିଲେ ଯେ, ଆପଣଙ୍କୁ ଗର୍ଭଧାରଣ କାଳରେ ଅଙ୍ଗନବାଡି ତରଫରୁ ଆଇରନ୍ ଓ ଭିଟାମିନ୍‌ଗୁଡିକ ଯୋଗାଇ ଦିଆଯାଉଛି । କିନ୍ତୁ ବାସ୍ତବ ସତ୍ୟ କ'ଣ ? ମୁଁ ଦେଖିପାରୁଛି, ଆପଣଙ୍କ ଭିତରୁ ଅଧିକାଂଶ ହେଉଛନ୍ତି ରକ୍ତହୀନତାରେ ପୀଡିତ । ବୟସ ତୁଳନାରେ ଆପଣଙ୍କର ଓଜନ କମ୍ ଏବଂ ଦେହରେ ରକ୍ତ ମଧ୍ୟ କ'ମ୍, ଏବଂ ସେହି କାରଣରୁ ଆପଣମାନେ ବାରମ୍ବାର ବିଭିନ୍ନ ପ୍ରକାର ରୋଗବ୍ୟାଧିରେ ପଡୁଛନ୍ତି । ଖୋଦ୍ ସରକାରୀ ଦଲିଲ୍‌ଗୁଡିକ ମଧ୍ୟ ଏହି ସତ୍ୟକୁ ସ୍ୱୀକାର କରୁଛି । ଏହି ପରିସ୍ଥିତିରେ ଯେଉଁମାନେ ବାହାସ୍ଫୋଟ ମାରି କହୁଛନ୍ତି ଯେ, ପୃଥିବୀରେ ଭାରତ ଦେଶ ସର୍ବଶ୍ରେଷ୍ଠ, କାରଣ ଏଠାରେ ମାତୃଜାତିକୁ ସମ୍ମାନ ଦିଆଯାଏ, ତାହା କେତେଦୂର ସମୀଚୀନ ? ଆପଣମାନଙ୍କ ଜୀର୍ଣ୍ଣଶୀର୍ଣ୍ଣ ଚେହେରା ହିଁ କହିଦେଉଛି, ଭାରତରେ ମାତୃଶକ୍ତି ପ୍ରତି ସମ୍ମାନ କେବଳ ଭାଷଣବାଜିରେ ସୀମିତ ରହିଛି । କିନ୍ତୁ ଯେଉଁସବୁ ବିଦେଶୀ ରାଷ୍ଟ୍ରର ପ୍ରଥା ଓ ପରମ୍ପରା ପ୍ରତି ଆମେ ନାକ ଟେକୁଛି, ମୋ ବିଚାରରେ ସେମାନେ ହିଁ ମାତୃଶକ୍ତିର ପ୍ରକୃତ ଆଦର କରି ଜାଣିଛନ୍ତି । ସେମାନଙ୍କ ସ୍ତ୍ରୀମାନେ କେତେ ସୁସ୍ଥସବଳ ସତେ ! ପୁଣି ଆମେ ତ ସେହିସବୁ ଦେଶ ପାଖରେ ଋଣ ଓ ଅନୁଦାନ ପାଇଁ ହାତ ପତାଉଛୁ, ପୁଣି ଆମ ନିଜ ପିଲାଙ୍କୁ ସେଠାରେ ପାଠ ପଢିବା, ଚାକିରୀ କରିବା ଓ ବସବାସ କରିବା ପାଇଁ ଚେଷ୍ଟା କରୁଛୁ । ସୁତରାଂ 'ମେରା ଭାରତ ମହାନ୍' କହିବାର କୌଣସି ଯଥାର୍ଥତା ନାହିଁ ।

“ପ୍ରଶ୍ନ ଉଠୁଛି, ଏତେସବୁ ସ୍କିମ୍ ଥାଇ ଆମ ପାଖରେ ସେସବୁର ସୁବିଧାସୁଯୋଗ କାହିଁକି ପହଞ୍ଚି ପାରୁନି ? ଗୋଟିଏ ଉଦାହରଣ ଦେଲେ କଥାଟି ବୁଝିବା ସହଜ ହେବ । ଗାଁ ମାନଙ୍କରେ ଆଗେ ଠିକାଦାରମାନଙ୍କ ଜରିଆରେ ରାସ୍ତାଘାଟ କାମ ହେଉଥିଲା । ପ୍ରତି ବର୍ଷ ରାସ୍ତା ହେବ, ଏବଂ କୁହାଯିବ ଯେ, ବଢିପାଣି କି ବର୍ଷାପାଣିରେ ତାହା ଧୋଇଗଲା । ଏମିତି ବର୍ଷକୁ ବର୍ଷ ସେହି ଅଳ୍ପ ଲମ୍ବର ଗାଁ ରାସ୍ତା ପାଇଁ ଲକ୍ଷଲକ୍ଷ ଟଙ୍କା ସରକାରୀ ତହବିଲ୍‌ରୁ ବ୍ୟୟ ହୋଇଚାଲିଥିବ । ପ୍ରଶ୍ନ ଉଠୁଛି, ସଂପୃକ୍ତ ଅଫିସର୍ ଓ ଇଞ୍ଜିନିଅର୍‌ମାନେ ଯେତେବେଳେ ରାସ୍ତାର ଯୋଜନା ତିଆରି କଲେ, ସେମାନେ କ'ଣ ଜାଣି ନଥିଲେ ଯେ, ବର୍ଷା ହୋଇପାରେ, ବଢି ହୋଇପାରେ, ଏପରିକି ବାତ୍ୟା ହୋଇପାରେ ଏବଂ ରାସ୍ତାର ନିର୍ମାଣ କ୍ଷତିଗ୍ରସ୍ତ ହୋଇପାରେ ? ସେମାନେ ଏଥିପାଇଁ କ'ଣ ଅଗ୍ରୀମ ପ୍ରତିଷେଧକ ବ୍ୟବସ୍ଥା କରିଛନ୍ତି ? ଯଦି କରି ନାହାନ୍ତି, ତେବେ କିଏ ଅଜ୍ଞ ? ଆପଣ ସାଧାରଣ ଲୋକେ ନା ସେହି ବାବୁ ଓ ବିଶେଷଜ୍ଞ ମାନେ ?

*"ବର୍ତ୍ତମାନ ପ୍ରଶ୍ନ ଉଠୁଛି, ବିଭିନ୍ନ ସ୍କିମ୍‌ରେ ଆସୁଥିବା ଏତେସବୁ ଟଙ୍କା କୁଆଡେ ଯାଉଛି ? ଉପରୁ ଶାବଳ ଆକାରରେ ଆସୁଛି, କିନ୍ତୁ ତଳେ ଛୁଞ୍ଚି ଆକାରରେ ପହଞ୍ଚୁଛି । କେମିତି ଏପରି ଘଟୁଛି ? ଏହାର କାରଣ ବୁଝିବା ପାଇଁ ମୁଁ ଗୋଟିଏ ଉଦାହରଣ ଦେଉଛି । ଆପଣ ଗୋଟିଏ ମାଛ ପୋଖରୀ କରି ମାଛ ଯାଆଁଳ ଛାଡିଲେ । କିନ୍ତୁ ଆପଣ ଜାଣି ନାହାନ୍ତି, ଆପଣଙ୍କ ପୋଖରୀରୁ ପାଖ ପୋଖରୀକୁ ଏକ ଘଳିଆ ପଡିଛି । ୬ମାସ ପରେ ଆପଣ ଯେତେବେଳେ ଆପଣଙ୍କ ପୋଖରୀରୁ ମାଛ ଧରିବାକୁ ଜାଲ ପକାଇଲେ, ସେତେବେଳେ କୌଣସି ମାଛ ପାଇଲେ ନାହିଁ । ମାଛସବୁ କୁଆଡେ ଗଲେ ? ଘଳିଆ ବାଟେ ମାଛସବୁ ପାଖ ପୋଖରୀକୁ ଚାଲିଯାଇଛନ୍ତି । ଏହି ସତ୍ୟ ବିଭିନ୍ନ ସରକାରୀ ସ୍କିମ୍‌ଗୁଡିକ ପ୍ରତି ମଧ୍ୟ ପ୍ରଯୁଜ୍ୟ । ସ୍କିମ୍ ଗୁଡିକର ଢାଞ୍ଚା ଓ କାର୍ଯ୍ୟାନୁୟନ ଶୈଳୀ ଏପରି କରି ଦିଆଯାଇଛି ଯେ, ଏବାବଦରେ ଆସୁଥିବା ଟଙ୍କା ଲୋକଙ୍କ ପାଖରେ ନପହଞ୍ଚି ଘଳିଆ ବାଟେ ଅନ୍ୟତ୍ର ଚାଲିଯିବ । ସମଗ୍ର ସରକାରୀ କଳ ଏହିସବୁ ଘଳିଆଗୁଡିକୁ ବୁଜିବା ପରିବର୍ତ୍ତେ ଏହାର ଅଧିକାରୀ ଓ କର୍ମଚାରୀମାନେ ସେଥିରୁ ନିଜେ ଫାଇଦା ଉଠାଇ ଅଳ୍ପ କିଛି ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କୁ ବାକୀତକ ଫାଇଦା ଦିଆଉଛନ୍ତି । ଉଭୟ ଅମଲା ଓ ରାଜନେତା ଏପ୍ରକାର ଘଳିଆ ଗୁଡିକରୁ ଲାଲେଲାଲ୍ ହୋଇଚାଲୁଛନ୍ତି, ଓ ଅନ୍ୟପଟରେ ଆପଣମାନେ ଅସ୍ଥିଚର୍ମସାର ହୋଇଗଲେଣି । ସୁତରାଂ ଆଜିକାର ମୂଳ ସମସ୍ୟା ନୁହେଁ ଯେ, ଲୋକେ ସ୍କିମ୍‌ଗୁଡିକ ବିଷୟରେ ଜାଣିନାହାନ୍ତି, ବରଂ ମୂଳ ସମସ୍ୟା ହେଉଛି, ସ୍କିମ୍‌ର ପ୍ରଣେତାମାନେ ଓ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟାନୁୟନ ପ୍ରକ୍ରିୟାରେ ଥିବା ଏହିସବୁ ଗଳାବାଟ ବିଷୟରେ ଲୋକଙ୍କୁ ଜାଣିଶୁଣି ଅଜ୍ଞ ରଖୁଛନ୍ତି । ତେଣୁ ଆଜି ଲୋକଙ୍କ ଆଗରେ ମୁଖ୍ୟ ପ୍ରଶ୍ନ ହେଉଛି, କିପରି ଘଳିଆ ଓ ଗଳାବାଟଗୁଡିକୁ ବନ୍ଦ କରାଯିବ ।*

*"ଏହି କ୍ଷେତ୍ରରେ ଲୋକଙ୍କ ହାତରେ ଗୋଟିଏ ବଡ ଅସ୍ତ୍ର ହେଲା, ସୂଚନା ଅଧିକାର ଆଇନ୍ ୨୦୦୫, ଯାହା ବଳରେ ଆପଣମାନେ ବିଭିନ୍ନ କାର୍ଯ୍ୟକ୍ରମ ଓ ସେଗୁଡିକର ହିତାଧିକାରୀମାନଙ୍କ ସମ୍ବନ୍ଧରେ ପ୍ରଶ୍ନ ପଚାରି ପାରିବେ ଏବଂ କୈଫିୟତ୍ ତଲବ୍ କରିପାରିବେ । ଯଦି ସଂପୃକ୍ତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଆପଣଙ୍କ ପ୍ରଶ୍ନର ସଠିକ୍ ଓ ସନ୍ତୋଷଜନକ ଉତ୍ତର ନଦିଅନ୍ତି, ତେବେ ତାଙ୍କ ବିରୁଦ୍ଧରେ ଜୋରିମାନା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯିବାର ବ୍ୟବସ୍ଥା ଏହି ଆଇନ୍‌ରେ ଅଛି । ଅନ୍ୟ କୌଣସି ଆଇନ୍‌ରେ ସରକାରୀ କାର୍ଯ୍ୟକର୍ତ୍ତାମାନେ ନାଗରିକ ପାଖରେ ଉତ୍ତରଦାୟୀ ରହିବାର ବ୍ୟବସ୍ଥା ନଥିଲା ଏବଂ ଏବେବି ନାହିଁ । କିନ୍ତୁ ସୂଚନା ଅଧିକାର ଆଇନ୍‌ରେ ସେ ବ୍ୟବସ୍ଥା ବେଶ୍ କଡାକଡି ଥିବାରୁ ଏହା ଲୋକମାନଙ୍କ ହାତରେ ଏକ ବଳିଷ୍ଠ ହତିଆର ଭାବେ କାର୍ଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ ।*

*"ଏବେ ନିକଟରେ ମହିଳାମାନଙ୍କ ପାଇଁ ଏକ ପ୍ରକୃତ ଅର୍ଥରେ ଯୁଗାନ୍ତକାରୀ ଆଇନ୍ କାର୍ଯ୍ୟକାରୀ ହେବା ଆରମ୍ଭ କରିଛି, ତାହା ହେଉଛି, ଘରୋଇ ହିଂସା କବଳରୁ ମହିଳାମାନଙ୍କୁ ସୁରକ୍ଷା ଆଇନ୍ ୨୦୦୫, ଯାହାକି ଗତ ଅକ୍ଟୋବର ୨୦୦୬ ଠାରୁ ଓଡିଶା ସମେତ ସାରା ଦେଶପାଇଁ ଲାଗୁ ହୋଇସାରିଛି । ଏହି ଆଇନ୍‌ର ପ୍ରଥମ ବିଶେଷତ୍ୱ ହେଲା, ଘରୋଇ ହିଂସାର ସଂଜ୍ଞାର ପରିସର ବହୁତ ବ୍ୟାପକ କରି ଦିଆଯାଇଛି, ଯାହା ଫଳରେ କେବଳ ବୋହୂମାନେ ନୁହଁନ୍ତି, ଶାଶୁ ଓ ମା' ମାନେ ମଧ୍ୟ ସେମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ସମ୍ବନ୍ଧରେ ଅଭିଯୋଗ ଆଣି ପାରିବେ । ଛୋଟରୁ ବଡ, ପ୍ରତି ବୟସର ନାରୀ ଏହି ଆଇନ୍ ବଳରେ ନିଜର ଅଭିଯୋଗ ଦାଖଲ କରିପାରିବ । ଦ୍ୱିତୀୟ ବିଶେଷତ୍ୱ ହେଲା, କେବଳ ପରିବାର ସଂପର୍କୀତ ବ୍ୟକ୍ତି ନୁହଁନ୍ତି, ଜଣେ ଗାଁ ବା ଅଞ୍ଚଳର ଲୋକ, ଠିକାଦାର, ଦୋକାନୀ, ଡାକ୍ତର ଇତ୍ୟାଦି ବ୍ୟକ୍ତିମାନଙ୍କ ବିରୁଦ୍ଧରେ ମଧ୍ୟ ଅଭିଯୋଗ ଅଣାଯାଇ ପାରିବ । ତୃତୀୟ ବିଶେଷତ୍ୱ ହେଲା, ଆପଣ ଅଭିଯୋଗ ଦାଖଲ କରିବାର ୩ ଦିନ ଭିତରେ ପ୍ରଥମ ଶୁଣାଣି ହେବ, ଏବଂ ୩୦ଦିନ ଭିତରେ ଫଇସଲା ହେବ । ଏପ୍ରକାର ସମୟବଦ୍ଧତା ଅନ୍ୟ କୌଣସି ଆଇନ୍‌ରେ ନଥିଲା । ଚତୁର୍ଥ ବିଶେଷତ୍ୱ ହେଲା, ଆପଣଙ୍କ ଅଭିଯୋଗକୁ ସୁରକ୍ଷା ଅଧିକାରୀ ଯଦି ଗ୍ରହଣ ନକରନ୍ତି, ତେବେ ଆପଣ ସିଧାସଳଖ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ପାଖରେ ଅଭିଯୋଗ ଦାଖଲ କରିପାରିବେ, ଏବଂ ଯଦି ଆପଣଙ୍କ ପ୍ରତି ସୁରକ୍ଷା ଅଧିକାରୀଙ୍କ ଅବହେଳା ପ୍ରମାଣିତ ହୁଏ, ତେବେ ତାଙ୍କ ବିରୁଦ୍ଧରେ ୩ବର୍ଷ ଜେଲ୍ ଏବଂ ୨୦ହଜାର ଟଙ୍କା ଜୋରିମାନାର ଦଣ୍ଡବିଧାନ ହୋଇପାରିବ । ମୋଟ ଉପରେ କହିଲେ, ଆଗେ ପୋଲିସ୍ ଓ ଥାନାରେ ମହିଳାମାନଙ୍କୁ ଯେତେ ପ୍ରକାର ଅକଥନୀୟ ହଇରାଣର ସମ୍ମୁଖୀନ ହେବାକୁ ପଡୁଥିଲା, ବର୍ତ୍ତମାନ ଏହି ଆଇନ୍ ବଳରେ ତାହାର ଅବସାନ ଘଟିପାରିବ । କିନ୍ତୁ ବଡ କ୍ଷୋଭର କଥା, ପ୍ରାୟ ୫ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ, ଓଡିଶା ସରକାର ସୁରକ୍ଷା ଅଧିକାରୀ ଘୋଷଣା କରିନାହାନ୍ତି କି ଏହାର କାର୍ଯ୍ୟକାରିତା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାମାନ ଗ୍ରହଣ କରିନାହାନ୍ତି ।*

*ମୋ ବିଚାରରେ ମହିଳାମାନଙ୍କ ନିକଟରେ ବର୍ତ୍ତମାନ ଦୁଇଟି ଅସ୍ତ୍ର ରହିଲା, ଘରୋଇ ହିଂସା ଆଇନ୍‌କୁ ବ୍ୟବହାର କରି ନିଜ ପ୍ରତି ଓ ନିଜ ମହିଳା ସମାଜ ପ୍ରତି ହେଉଥିବା ଅବିଚାରକୁ ମୁକାବିଲା କରିପାରିବେ, ଏବଂ ସୂଚନା ଅଧିକାର ଆଇନ୍‌କୁ ପ୍ରୟୋଗ କରି ସେମାନେ ଦୁର୍ନୀତି ବିରୁଦ୍ଧରେ ଲଢିବା ସହିତ ସର୍ବସାଧାରଣ ସ୍ୱାର୍ଥ ହାସଲରେ ଭାଗୀଦାର ହୋଇପାରିବେ । ଏହାହିଁ ଆଜିକାର ଦିବସର ଆହ୍ୱାନ୍ ।"*

ସଭାପତି ଶ୍ରୀ ଚିତ୍ତ ବେହେରାଙ୍କ ଅଭିଭାଷଣ ପରେ ସଭା ସାଙ୍ଗ ହୋଇଥିଲା ଏବଂ ଉପସ୍ଥିତ ସମସ୍ତ ପ୍ରତିନିଧିମାନେ ସମବେତ ମଧ୍ୟାହ୍ନ ଭୋଜନରେ ଯୋଗ ଦେଇଥିଲେ । ସଭାସ୍ଥଳରେ ପ୍ରଗତିଶୀଳ ପତ୍ରିକା 'ଗ୍ରାହକ ସେବା'ର ଏକ ପ୍ରସାର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ଓ ସାଥୀ ଶ୍ରୀ ଦିବାକର ପ୍ରଧାନ ଏହାକୁ ପରିଚାଳନା କରିଥିଲେ ।